ଫର୍ମ – III

[ନିୟମ – ୫(୪) ଦ୍ରଷ୍ଟବ୍ୟ]

# ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

Alienation Case No. ୦୨/୨୦୨୪

## ସର୍ବସାଧାରଣ ନୋଟିସ୍

ଏତଦ୍ ଦ୍ୱାରା ମୌଜା – ପଥରା, ଥାନା - ଗୋପାଳପୁର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିକୁ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ (Agriculture and Farmers Empowerment Department), ଓଡିଶା, ଭୁବନେଶ୍ୱରଙ୍କ ନାମରେ ମତ୍ସ୍ୟସମ୍ପଦ ମହାବିଦ୍ୟାଳୟ, ରଙ୍ଗେଇଲୁଣ୍ଡା (College of Fisheries, Rangeilunda) ର ସ୍ଥାପନ ନିମନ୍ତେ ହସ୍ତାନ୍ତର କରିବା ପାଇଁ ସ୍ଥିରୀକୃତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ହସ୍ତାନ୍ତର ବାବଦରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେକୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

### ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ |
|---|---|---|---|---|---|
| ପଥରା | ୧୦୫୩ (ଆବାଦ ଯୋଗ୍ୟ ଅନାବାଦୀ) | ୧୮୩୫ | ୦.୭୩୦ | ୦.୭୩୦ | ପତିତ |
| | | ୨୫୭୭ | ୦.୨୭୫ | ୦.୨୭୫ | |
| | | ୨୫୮୨ | ୦.୪୬୦ | ୦.୪୬୦ | |
| | | ୨୬୨୪ | ୦.୫୪୬ | ୦.୫୪୬ | |
| | | ୨୬୨୫ | ୦.୧୪୩ | ୦.୧୪୩ | |
| | | ୨୬୩୩ | ୦.୫୧୮ | ୦.୫୧୮ | |
| | | ୨୬୩୪ | ୦.୨୭୫ | ୦.୨୭୫ | |
| | | ୨୬୩୭/୩୪୬୭ | ୫.୦୦୦ | ୫.୦୦୦ | ଘରବାରି |
| | | ୨୬୩୯/୩୪୬୮ | ୮.୩୩୧ | ୮.୩୩୧ | |
| | | ୨୬୪୦/୩୪୬୯ | ୫.୦୪୬ | ୫.୦୪୬ | |

20/05/25

ତହସିଲଦାର, କନିଷି
Tahasildar
Konisi (Gm.)

ପରିପତ୍ର ସଂଖ୍ୟା- 2570 / ତାରିଖ- 20.05.2025

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ତୁରାଙ୍କ ଦ୍ୱାରା ମୌଜା ପଥରାର ପ୍ରକାଶ୍ୟ ସ୍ଥାନରେ ଡେଙ୍ଗୁରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସରପଞ୍ଚ/କାର୍ଯ୍ୟନିର୍ବାହୀ ଅଧିକାରୀ, ତୁରାଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

20/05/25

ତହସିଲଦାର, କନିଷି
Tahasildar
Konisi (Gm.)